# Akashvani, Sambalpur

## SAMBALPURI NEWS EVENING BULLETIN

**13 December 2025- 7.02 pm- 7.12 pm.**

*********************************************

୧- ପୂର୍ବଭାରତ୍‌ର ଉଦୟ, ଦେଶର୍ ଭବିଷ୍ୟତ୍‌କେ ଗଢ଼୍‌ବା - କହେଲେ ରାଜ୍ୟପାଲ୍ ।

- ଭୁବ୍‌ନେଶ୍ୱର୍ ନ ପୂର୍ବୋଦୟ ଦୃଷ୍ଟିକୋଣ-୨୦୨୫ ଅନ୍ତର୍ଜାତୀୟ ସମ୍ମିଳନୀକେ କଲେ ଉଦ୍‌ଘାଟନ୍ ।

୨- ମହାନଦୀ ଜଲ୍‌ବିବାଦ୍ ସମସ୍ୟାର୍ ସମାଧାନ୍ ଲାଗି ଗଠିତ୍ ଉଚ୍ଚସ୍ତରୀୟ କମିଟିର୍ ବୈଠକ୍ ବସ୍‌ବା ଆଏବା ୨୨ ତାରିଖ୍ ।

୩- ସମ୍ବଲ୍‌ପୁର୍ ଜିଲ୍ଲା ନ ଏବ୍‌ତକ୍ ରାଜ୍ୟର୍ ସବୁନୁ ଅଏତ୍‌କା ଧାନ୍ ଘିନାଯାଇଛେ- କହେଲେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ ।

ଆଉର୍

୪- କୋର୍ଟମାନ୍‌କେ ପଡ଼ିରହିଥିବା ମାମ୍‌ଲାର୍ ତୁର୍‌ତି ଫଏସଲା କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ସାରା ରାଏଜେ ହେଇଛେ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ରାଜ୍ୟପାଲ୍        I&PR

ପୂର୍ବ ଭାରତ୍‌ର ଉଦୟ ଦେଶର୍ ଭବିଷ୍ୟତ୍‌କେ ଗଢ଼୍‌ବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ପୂର୍ବୋଦୟ ଦୃଷ୍ଟିକୋଣ-୨୦୨୫ ଅନ୍ତର୍ଜାତୀୟ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ଇ କାର୍ଯ୍ୟକ୍ରମ୍ ଖାଲି ଗୁଟେ ଶିକ୍ଷାଗତ କି ନୀତିଗତ ମଚାନ୍ ନୁହେଁ । ଇଟା ଭାରତ୍‌ର ବିକଶିତ୍ ଆକାଂକ୍ଷା, ଆତ୍ମବିଶ୍ୱାସ୍ ଆଉ ପୂର୍ବ ଭାରତ୍‌ର ସମ୍ଭାବନାକେ ଦର୍ଶଉଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଗୁଟେ ଭିଡ଼ିଓ ଅଭିଭାଷଣ୍ ପ୍ରଦର୍ଶିତ୍ କରାଯାଇଥିଲା । ଭିଡ଼ିଓ ବାର୍ତାଥି ମନ୍ତ୍ରୀ କହିଛନ୍, ବିକଶିତ୍ ଭାରତ୍ ଲାଗି ପୂର୍ବଉଦୟ ହେଉଛେ ଅଭିବୃଦ୍ଧିର ଇଞ୍ଜିନ୍ । ଇ ଆହ୍ୱାନ୍‌ଥି ଥିବା ସମ୍ଭାବନାକେ ବାସ୍ତବ୍ ରୂପ୍ ଦେବାର୍ ଲାଗି ସଭେ ମିଶିକରି ଆଗ୍‌କେ ଆସ୍‌ବାର୍ ଦର୍‌କାର୍ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇ ଅବ୍‌ସରେ ନେପାଲ୍‌ର ରାଷ୍ଟ୍ରଦୂତ ଡକ୍ଟର୍ ଶଙ୍କର୍ ପ୍ରସାଦ୍ ଶର୍ମା, କେନ୍ଦ୍ର ବୈଦେଶିକ ବ୍ୟାପାର ଯୁଗ୍ମ ସଚିବ ଅପର୍ଣ୍ଣା ରାୟ, ଦକ୍ଷିଣ ଏସୀୟ ରାଷ୍ଟ୍ରମାନ୍‌କର୍ ପ୍ରତିନିଧି, ବୁଦ୍ଧିଜୀବୀ ଆଉ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ମୁଖ୍ୟମାନେ ଯୋଗ୍ ଦେଇଥିଲେ । ଇ କାର୍ଯ୍ୟକ୍ରମ୍ କେନ୍ଦ୍ର ବୈଦେଶିକ୍ ମନ୍ତ୍ରଣାଳୟ

ଆଉ ସିଆଇଆଇଆର୍ ର ମିଳିତ୍ ସହଯୋଗରେ ଆୟୋଜନ୍ ହେଇଥିଲା ।

ମହାନଦୀ ଜଲ୍‌ବିବାଦ୍-ବୈଠକ୍ ହି.ସ.

ମହାନଦୀ ଜଲ୍‌ବିବାଦ୍ ସମସ୍ୟାର୍ ସମାଧାନ୍‌କେ ନେଇକରି ଗଠନ୍ ହେଇଥିବା ଉଚ୍ଚସ୍ତରୀୟ କମିଟିର୍ ବୈଠକ୍ ଆଏବା ୨୨ ତାରିଖ୍ ଦିନ ହେବା । ଇ ବାବ୍‌ଦେ କମିଟିର ସଦସ୍ୟ ଆଉ ବିଧାୟକ୍ ଜୟନାରାୟଣ୍ ମିଶ୍ର ସୂଚ୍‌ନା ଦେଇଛନ୍ । ବୈଠକ୍‌ରେ କମିଟିର୍ ଅଧ୍ୟକ୍ଷ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ସବୁ ସଦସ୍ୟ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହେବେ । ଇଥି ମହାନଦୀ ଜଲ୍ ବିବାଦ୍ ସମାଧାନ୍ ଲାଗି ସର୍‌କାର୍‌ଙ୍କର୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯିବା ।

ଆଲୋଚନାଚକ୍ର ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବାର୍ ଆସୋସିଏସନ୍ ତର୍‌ଫୁ ଆଏବା କାଏଲ୍ କଟକ୍ ଶହୀଦ୍ ଭବନ୍ ଠାନେ ହେବାର୍‌କେ ଥିବା ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

କାର୍ଯ୍ୟକ୍ରମ୍‌ଥ୍ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଭିଲ୍ ସାମିଲ୍ ହେବେ । ସାଧାରଣ୍ ଲୋକ୍‌ମାନ୍‌କର୍ ଲାଗି ନ୍ୟାୟକେ ସୁନିଶ୍ଚିତ୍ କର୍‌ବାର୍ ମାମ୍‌ଲା ମାନ୍‌କର୍ ଖର୍ଚ୍ଚା ଆଉ ଡେରି ହେଉଥିବା ସମିଆକେ କମ୍ କର୍‌ବାର୍ ଲାଗି ରଣନୀତି ତିଆର୍ ଉପ୍‌ରେ ଆଲୋଚନାଚକ୍ର ହେବା ବଲି ବାର୍ ଆସୋସିଏସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ଅବ୍‌ସରେ ବରିଷ୍ଠ ଆଇନ୍‌ଜୀବୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯିବା ।

କ୍ରେତା ବିକ୍ରେତା ସମ୍ମିଲନୀ I&PR

ଭୁବ୍‌ନେଶ୍ୱର୍ ନ ଶୀତଳ ଭଣ୍ଡାର୍ କନ୍‌କ୍ଲେଭ୍ ଆଉ କ୍ରେତା ବିକ୍ରେତା ସମ୍ମିଲନୀ -୨୦୨୫କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ ସମ୍ମିଲନୀକେ ସମ୍ବୋଧନ୍ କରିକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟ ସର୍‌କାର୍ ଆଏବା ୨୦୨୯-୩୦ ଆର୍ଥିକ୍ ବଛର୍‌ତକ୍ ୫୮ ଟା ସବ୍‌ଡିଭିଜନ୍ ନ ଶୀତଲ୍‌ଭଣ୍ଡାର୍ ୟୁନିଟ୍ ଥାପ୍‌ନା କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ । ଇଥିର୍‌ଲାଗି ୨ ଶହ ୫୨ କୋଟି ଟଙ୍କାର୍ ପ୍ରସ୍ତାବିତ ବଜେଟ୍ ରଖାଯାଇଛେ । ଇତାର୍‌ସହେତେ ଶୀତଲଭଣ୍ଡାର୍ ୟୁନିଟ୍ ମାନ୍‌କର୍ ପୁନରୁଦ୍ଧାର୍ କର୍‌ବାର୍ ଆଉ ନୂଆଁ ପ୍ରକଳ୍ପମାନ୍‌କର୍ ଦୀର୍ଘକାଳୀନ କାର୍ଯ୍ୟକ୍ଷମତାକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ

ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର୍ ଉଦ୍ୟାନ ଆଉ କୃଷି ସମ୍ଭାବନାକେ ପ୍ରଦର୍ଶନ୍ କରୁଥିବା ଭିନ୍ ଭିନ୍ ଷ୍ଟଲ୍ ବୁଲିକରି ଦେଖିଥିଲେ । ଇତାର୍ ଉତ୍‌ରୁ ଶୀତଲ୍ ଭଣ୍ଡାର୍ ହିତାଧିକାରୀମାନ୍‌କୁ ଅନୁମୋଦନ୍ ପତ୍ର ବାଂଟିଛନ୍ । ଇ ସମ୍ମିଳନୀ ଆପିକଲ୍ ଆଉ ଆସୋଚାମ୍ ର ମିଲିତ୍ ସହଯୋଗ୍‌ରେ ଆୟୋଜନ୍ କରାଯାଇଛେ । ଇଥି ନୀତି ନିର୍ଦ୍ଧାରକ, ଶିଳ୍ପନେତା, କୃଷି ଉଦ୍ୟୋଗୀ, ଚାଷୀ ଗୋଷ୍ଠୀ, ଆର୍ଥିକ୍ ପ୍ରତିଷ୍ଠାନ୍ ଆଉ ପ୍ରଯୁକ୍ତିବିଦ୍ୟା ପ୍ରଦାନ୍‌କାରୀମାନେ ସାମିଲ୍ ହେଇଛନ୍ ।

ଡ୍ରାଇ ରନ୍ ଆର୍‌ଏନ୍‌ୟୁ/ କଟକ୍

ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ବହଲିଆ କୁହୁଡ଼ିକେ ଦେଖିକରି ଡ୍ରାଏ ରନ୍ କରାଯାଇଛେ । ଏପିସି, ସବୁ ବିମାନ୍ ସେବା ସଂସ୍ଥା, ସିଆଇଏସ୍‌ଏଫ୍, ଅଗ୍ନିଶମ ସେବା, ଇଞ୍ଜିନିୟରିଂ, ବିମାନ୍ ବନ୍ଦର୍ ପରିଚାଲନା ବିଭାଗ୍, ପାଣିପାଗ୍ ଅଧିକାରୀ ପ୍ରମୁଖ୍ ଇଥି ସାମିଲ୍ ହେଇଛନ୍ । କୁହୁଡ଼ିକେ ନଜର୍‌ରେ ରଖିକରି ବିମାନ୍ ଚଲାଚଲ୍ ସୁରକ୍ଷିତ୍, ଯାତ୍ରୀ ମାନ୍‌କର୍ ସୁବିଧାକେ ପ୍ରାଥମିକତା ଦେବାର୍ ଲାଗି ଇ ଡ୍ରାଏରନ୍ କରାଯାଇଛେ । କୁହୁଡ଼ି ବାବ୍‌ଦେ କେନ୍‌ସି ବିମାନ୍ ଚଲାଚଲ୍ ସାଙ୍ଗେସାଙ୍ଗ୍ ସୂଚ୍‌ନା ଦେବାର୍ ଲାଗି ବିମାନ୍ ବନ୍ଦର୍ କର୍ତ୍ତୃପକ୍ଷଙ୍କର୍ ତରଫୁ ଗୁଟେ ଅପରେସନ୍ କଂଟ୍ରୋଲ୍

ରୁମ୍ ଥାପ୍ନା କରାୟାଇକରି ୯୪୩୭୦-୯୧୮୨୯ ନମ୍ବର୍ ଜାରି କରାଯାଇଛେ ।

ପାର୍ଲାମେଂଟ୍ ଆଟାକ୍ ଏନିଭର୍ସରୀ ଏନ୍ଏସ୍ଡି

୨୦୦୧ ମସିହା ଆଝିର୍ ଦିନେ ଭାରତ୍ର ସଂସଦ୍ ଉପ୍ରେ ହେଇଥିବା ଆତଙ୍କବାଦୀ ଆକ୍ରମଣ୍ଥି ଶହୀଦ୍ ସୁରକ୍ଷା କର୍ମୀମାନ୍କୁ ଦେଶ୍ବାସୀ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶହୀଦ୍ ସୁରକ୍ଷା କର୍ମୀମାନ୍କୁ ଶ୍ରଦ୍ଧାଞ୍ଜଲି ଜନେଇକରି ସେମାନ୍କର୍ ସାହସ୍, ବୀରତା ଆଉ ତ୍ୟାଗ ଲାଗି ଦେଶ୍ ସବୁବେଲେ କୃତଜ୍ଞ ରହେବା ବଲି କହିଛନ୍ । କେନ୍ସି ଭିଲ୍ ଆତଙ୍କବାଦ୍ର ମୁକାବିଲା କର୍ବାର୍ ଲାଗି ଭାରତ୍ ଏଛେନ୍ ତୟାର୍ ଅଛେ ବଲି ରାଷ୍ଟ୍ରପତି କହିଛନ୍ । ସଂସଦ୍ ଉପ୍ରେ ଆତଙ୍କବାଦୀ ଆକ୍ରମଣ୍ଥି ଜୀବନ୍ ହରେଇଥିବା ସୁରକ୍ଷା କର୍ମୀମାନ୍କୁ ଉପରାଷ୍ଟ୍ରପତି ଆଉ ରାଜ୍ୟସଭା ମୁଖ୍ୟ ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସଂସଦ୍ ଆକ୍ରମଣ୍ଥି ଶହୀଦ୍ ହେଇଥିବା ଯବାନ୍ ମାନ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ଧାନ୍ଘିନା- ଯୋଗାଣମନ୍ତ୍ରୀ ହି.ସ.

ସମ୍ବଲ୍‌ପୁର୍ ଜିଲ୍ଲା ନ ଏବ୍‌ତକ୍ ରାଜ୍ୟର୍ ସବୁନୁ ଅଏତ୍‌କା ୫୧ ହଜାର୍ ୭ ଶହ ୬୬ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ ବଲି ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ସେନ୍ତା ବର୍‌ଗଡ଼୍ ନ ୩୪ ହଜାର୍ ୩ ଶହ ୫ ମେଟ୍ରିକ୍ ଟନ୍, କଲାହାଣ୍ଡି ନ ୨ ହଜାର୍ ୮ ଶହ ୫୦, ବଲାଙ୍ଗିର୍ ନ ୨୨, ନୂଆପଡ଼ା ନ ୪ ଶହ ୩୮ ଆଉ ସୁବର୍ଣ୍ଣପୁର୍ ନ ୧୫ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ମନ୍ତ୍ରୀ ଆହୁରି କହିଛନ୍, ମିଲର୍ ମାନ୍‌କର୍ ସମସ୍ୟାର୍ ଭିଲ୍ ସମାଧାନ୍ ହେଇଛେ ଆଉ ସର୍‌କାର୍ ସେମାନ୍‌କର୍ କେତେଟା ଦାବିକେ ଭିଲ୍ ପୂରଣ୍ କରିଛନ୍ । ଆଉ ଯେନ୍ ଗୁଟେ ଜୁଡ଼େ ଦାବି ବାକି ଅଛେ ସେତାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ବିଚାର୍ କରୁଛନ୍ ଆଉ ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଖୋବ୍ ଜଲ୍‌ଦି ନିଷ୍ପତି ନେବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ସେଆଡ଼େ ମିଲିଂ ଚାର୍ଜ ବଢ଼ାବାର୍ ଦାବି ବାବ୍‌ଦେ ସର୍‌କାର୍ ବିଚାର୍ କରୁଛନ୍ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ୍ ଆଉ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ

ଆଏଜ୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ଇଥି ଭିନ୍ ଭିନ୍ ମାମ୍‌ଲାର୍ ଫଏସଲା କରାଯାଇକରିକରି କ୍ଷତିପୂରଣ୍ ଆଦାୟ କରାଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତର୍‌ଫୁ ସଦର୍ ମହକୁମା ନ ଥିବା କୋର୍ଟ ମାନ୍‌କେ ଆଉ ତାଲୁକ୍‌ସ୍ତରୀୟ କୁଚିଣ୍ଡା ଆଉ ରେଢ଼ାଖୋଲ୍ କୋର୍ଟ ନ ୪ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ୮ ଶହ ୪୦ ଟା ଭିନ୍ ଭିନ୍ ବିଚାରାଧୀନ୍ ମାମ୍‌ଲାର୍ ଫଇସଲା କରାଯାଇଥିଲା । ରାଜସ୍ୱ ବିଭାଗ୍‌ଥି ୪ଲାଖ୍ ୯୦ ହଜାର୍ ୪ ଶହ ୭୮ ଟା ମାମ୍‌ଲା ଫଏସଲା କରାଯାଇଛେ ।

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତର୍‌ଫୁ ଜିଲ୍ଲା ନ୍ୟାୟାଳୟ ପରିସର୍ ନ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ଜିଲ୍ଲା ଆଉ ଦୌରାଜଜ୍ ଆଉ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ପ୍ରତାପ୍ କୁମାର୍ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଲୋକ୍ ଅଦାଲତ୍‌ଥି ୧୭ ଶହ ୧୬ ଟା ବିଚାରାଧୀନ୍ ମାମ୍‌ଲାର୍ ଫଏସଲା କରାଯାଇକରି ୫୧ ଲାଖ୍ ୧୦ ହଜାର୍ ୭ ଶହ ୧୩ ଟଙ୍କା ଆଦାୟ କରାଯାଇଥିଲା । ଇତାର୍‌ସହେତେ ହର୍‌ଭଙ୍ଗା ଆଉ କଂଟାମାଲ୍ କୋର୍ଟ ନ ଭିଲ୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ କଳାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ସବୁ ବିଚାର୍ ବିଭାଗୀୟ ଅଦାଲତ୍ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ଥି ୨ ହଜାର୍ ୯ ଶହ ୧୧ ଟା ମାମ୍‌ଲାର୍ ଫଏସଲା କରାଯାଇକରି ୩ କୋଟି ୨୨ ଲାଖ୍ ୫୦ ହଜାର୍ ୫ ଶହ ୮୬ ଟଙ୍କା କ୍ଷତିପୂରଣ୍ ଆଦାୟ କରାଯାଇଥିଲା ।

ପର୍ପଲ୍ ମେଳା        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ୍ ଆଉ ଗବେଷଣା ପ୍ରତିଷ୍ଠାନ୍, ସାମାଜିକ୍ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତରଫୁ ବଲାଙ୍ଗିର୍ କୋଶଲ୍ କଲାମଣ୍ଡଲ୍ ପଡ଼ିଆ ନ ଆଏବା ୧୭ ତାରିଖ୍ ଦିନ ପର୍ପଲ୍ ମେଳା ଆୟୋଜିତ୍ ହେବା । ଭିନ୍ନକ୍ଷମ ବ୍ୟକ୍ତି ସେମାନ୍‌କର୍ ଦକ୍ଷତା ପ୍ରତିଭା, ଉତ୍ପାଦିତ ଦରବ୍ ଆଉ ସୃଜନଶୀଳତାକେ ପ୍ରଦର୍ଶନ୍ କର୍‌ବାର୍ ଲାଗି ଗୁଟେ ମଚାନ୍ ଦେବାର୍ ଇ ମେଳାର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ । ଭିନ୍ ଭିନ୍ ଅନୁଷ୍ଠାନ୍‌ର ଯତନ୍ ନଉଥିବା ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ୍, ଅଧିକାରୀ ଆଉ ଛାତ୍ରଛାତ୍ରୀମାନ୍‌କର୍ ସହେତେ ୫୦ ନୁ ଅଏତ୍‌କା ଦିବ୍ୟାଙ୍ଗ ଇ ମେଳାଥି ଯୋଗ୍ ଦେବେ ।

ଆର୍ଥିକ ସାକ୍ଷରତା କର୍ମଶାଳା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ଆର୍ଥିକ ସାକ୍ଷରତା, ଅର୍ଥନୈତିକ୍ ସାମାଜିକ୍ ଅଧିକାର୍ ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କଂଟାମାଲ୍ ବ୍ଲକ୍ ସିଡିପିଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ଆର୍ଥିକ୍ ସାକ୍ଷରତା, ସାମାଜିକ୍ ଆଉ ଅର୍ଥନୈତିକ୍ ଅଧିକାର୍ର ଉଦ୍ଦେଶ୍ୟ ବାବ୍ଦେ ଆଲୋଚନା କରାଯାଇଥିଲା । କର୍ମଶାଳାଥି ସ୍କୁଲ୍ କଲେଜ୍ର ଛାତ୍ରଛାତ୍ରୀ ଆଉ ଅଙ୍ଗନବାଡ଼ି କର୍ମୀମାନେ ଯୋଗ୍ ଦେଇଥିଲେ ।

ଦାବିହୀନ ଜମାରାଶି ସୁରକ୍ଷା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଅଗ୍ରଣୀ ବେଙ୍କ୍ ତର୍ଫୁ ଟାଉନ୍ହଲ୍ ଠାନେ ଦାବିଦାର୍ ନାଇଁଥିବାର୍ ଜମାରାଶିର ସୁରକ୍ଷା ସଚେତନତା ଶିବିର ହେଇଯାଇଛେ । ଶିବିର୍ଥି ଦାବିଦାର୍ ନାଇଁଥିବା ଖାତା ମାନ୍କର୍ ବାବ୍ଦେ ସୂଚ୍ନା ଦିଆଯାଇଥିଲା । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ ।

ସୁବର୍ଣ୍ଣପୁର୍ ବୈଠକ୍       ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ବୀର୍ମହାରାଜ୍ପୁର୍ ଆଉ ସୋନ୍ପୁର୍ ବିଧାନ୍ସଭା ନିର୍ବାଚନ୍ ମଣ୍ଡଳୀର୍ ଭୋଟ୍ କେନ୍ଦ୍ର ମାନ୍କର୍ ପୁନର୍ଗଠନ୍ ବାବ୍ଦେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ସର୍କାର୍ଙ୍କର୍ ଅନୁମୋଦନ୍ ଉତ୍ରୁ ଭୋଟ୍ କେନ୍ଦ୍ର ମାନ୍କର୍ ଜାଗା ଆଉ ସେସବୁର୍ ବିକାଶ୍ ବାବ୍ଦେ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍କର୍ ସାଙ୍ଗେ ଆଲୋଚନା କରାଯାଇଛେ ।

କପା- ଏମ୍ଏସ୍ପି ଆର୍ଏନ୍ୟୁ/ ସମ୍ବଲପୁର

ଚଲ୍ତି ବଛରେ ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍ଏସ୍ପି ଥି କପା ବିକ୍ବାର୍ ଲାଗି ଭାରତୀୟ କପା ନିଗମ୍ ଲିମିଟେଡ୍ ତର୍ଫୁ ପରିଚାଲିତ୍ ହେଉଥିବା କପାସ୍ କିଷାନ୍ ମୋବାଇଲ୍ ଆପ୍ଥି ଚାଷୀମାନ୍କର୍ ସ୍ୱ-ପଞ୍ଜିକରଣ୍ ବାଧ୍ୟତାମୂଳକ୍ କରାଯାଇଛେ । ପଞ୍ଜିକରଣ୍ର ଶେଷ୍ ତାରିଖ୍ ଆଏବା ୩୧ ତାରିଖ୍ ରହିଥିବାର୍ ବେଳେ ଇଥିର୍ଲାଗି କେତେଟା ଜରୁରୀ ତଥ୍ୟ ଦେବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜମି ରେକର୍ଡ଼ର ତଥ୍ୟ, ଗ୍ରାମ୍ୟ କୃଷି କର୍ମଚାରୀ ଆଉ କୃଷି ଓଭର୍ସିଅର୍ଙ୍କର୍ ତର୍ଫୁ କପା ଫସଲ୍ର ପ୍ରମାଣ୍ପତ୍ର, ଆଧାର୍ ସଂଯୋଗ୍ ହେଇଥିବା ବେଙ୍କ୍ ଖାତା, ହିତାଧିକାରୀଙ୍କର୍ ପାସ୍ପୋର୍ଟ

ଫଟୋକେ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଅଏତ୍କା ସୂଚ୍ନା ପାଏବାର୍ ଲାଗି ଚାଷୀମାନେ ନିଜର ଇଲାକାର୍ ଭାରତୀୟ କପା ନିଗମ୍ର ଅଧିକାରୀ, ନିୟନ୍ତ୍ରିତ ବଜାର୍ କମିଟି, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ଲକ୍ ଆଉ ଜିଲ୍ଲା କୃଷି ଅଧିକାରୀମାନ୍କର୍ ସାଙ୍ଗେ ଯୋଗାଯୋଗ୍ କରିପାର୍ବେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ଦିଗୁ ରାଜ୍ୟକେ ଶୁଖା ଥଣ୍ଡା ପବନ୍ ଆସୁଥିବାର୍ନୁ ଜବର୍ ଶୀତ୍ ହେଉଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୬ /୭ ଦିନ୍ତକ୍ ପାଗ୍ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ଗଲା ୨୪ ଘଂଟା ଭିତ୍ରେ ଫୁଲ୍ବାଣୀ ଠାନେ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୫ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ଓଡ଼ିଶାର୍ ୧୨ ଟା ସହରର୍ ରାତିର୍ ତାପମାତ୍ରା ୮ ଡିଗ୍ରୀ ତଲେ ରେକର୍ଡ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ଝାର୍ସୁଗୁଡ଼ା ଆଉ ଅନୁଗୁଲ୍ ଜିଲ୍ଲାକେ ଜବର୍ ଥଣ୍ଡା ଲାଗି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।